## ଆଜି କ'ଣ କେଉଁଠି

**ଢେଙ୍କାନାଳ**

▶ଜାତୀୟ କ୍ରୀଡ଼ା ଦିବସ
ସ୍ଥାନ: ମୁଖ୍ୟ ଷ୍ଟାଡିୟମ
ସମୟ: ସକାଳ ୭ଟା।

**ଅନୁଗୋଳ**

▶ଜିଲାସ୍ତରୀୟ କ୍ରୀଡ଼ା ଦିବସ ପାଳନ
ସ୍ଥାନ: ଅନୁଗୋଳ ଷ୍ଟାଡିୟମ
ସମୟ: ସକାଳ ସାଢ଼େ ୭।

▶ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ
ସ୍ଥାନ: ଅନୁଗୋଳ ଷ୍ଟାଡିୟମ
ସମୟ: ଅପରାହ୍ନ ୩ଟା।

▶ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭା
ସ୍ଥାନ: ମ୍ୟୁନିସିପାଲିଟି ଟାଉନ୍ ହଲ
ସମୟ: ଅପରାହ୍ନ ୪ଟା।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ଛେଣ୍ଡିପଦା,୨୮।୮(ସ୍ୱ.ପ୍ର)

ଜରପଡ଼ା ଥାନା ଦୁବାନାଳି ଗ୍ରାମର କୁଳମଣି ନାଏକଙ୍କ ସ୍ତ୍ରୀ ବଛେଇ(୭୮) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ସକାଳେ ଘର ନିକଟକୁ ଦାନ୍ତକାଠି ପାଇଁ ଯାଇଥିବାବେଳେ ସେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଅନୁଗୋଳ ଅଫିସ, ୨୮।୮

ଅନୁଗୋଳ ବାରସିଂହା ଗ୍ରାମର ଅଭିଯୁକ୍ତ ନରହରି ସାହୁ(୪୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ନଂ. ୫୭୬/୧୮ରେ ଏକ ମାମଲା ରୁଜୁ କରାଯାଇଛି। ବାରସିଂହା ଅଞ୍ଚଳର ରଞ୍ଜନ ପାତ୍ରଙ୍କ ଅଭିଯୋଗକ୍ରମେ ନରହରିଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

### ୨ୟ ଦିନରେ ଠିକା ଶ୍ରମିକଙ୍କ ଧାରଣା

କଣିହାଁ, ୨୮।୮(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପର ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଧାରଣା ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ଅପରାହ୍ନରେ ଶ୍ରମିକ ନେତାଙ୍କ ସହିତ ଠିକାସଂସ୍ଥାର ହୋଇଥିବା ଆଲୋଚନା ବିଫଳ ହୋଇଛି। ଶ୍ରମିକ ନେତା ପ୍ରହ୍ଲାଦ ସାହୁ କହିଛନ୍ତି, ଏନ୍‌ଟିପିସି ସହବନ୍ଧିତ ଯୁଗ୍ମ ଠିକାସଂସ୍ଥା ୟୁପିଏଲ୍ ଅଧୀନରେ ପ୍ରକଳ୍ପର ସମସ୍ତ ଶ୍ରମିକ ଓ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନେ ଆଲୋଚନା ପାଇଁ ଡାକିଥିଲେ। ମୁଖ୍ୟ ସମସ୍ୟାକୁ ଉପେକ୍ଷା କରାଯିବାରୁ ସମାଧାନ ହୋଇପାରି ନାହିଁ। ଧାରଣା ଜାରି ରହିବ।

■ଜିଲାସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

# ସମସ୍ତ କାର୍ଯ୍ୟାଳୟରେ ହେବ ସ୍ୱତନ୍ତ୍ର ର୍‍ୟାମ୍ପ

ଢେଙ୍କାନାଳ ଅଫିସ, ୨୮।୮


ଜିଲାସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ର୍‍ୟାମ୍ପ ଏବଂ ରେଲିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉପଖଣ୍ଡ ଦାୟିତ୍ୱରେ ଥିବା ନୋଡାଲ ଅଫିସର ତଥା ଉପଜିଲାପାଳଙ୍କୁ ଶିବିର ସୁଚାରୁରୂପେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି।

ସେପ୍ଟେମ୍ବର ୪ରେ ଭୁବନ, ୫ରେ କଙ୍କଡ଼ାହାଡ଼, ୧୧ରେ କାମାକ୍ଷାନଗର, ୧୨ରେ ଢେଙ୍କାନାଳ ସଦର, ୧୮ରେ ପରଜଙ୍ଗ, ୧୯ରେ ଓଡ଼ାପଡ଼ା, ୨୫ରେ ହିନ୍ଦୋଳ ଏବଂ ୨୬ ତାରିଖରେ ଗଁଦିଆ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେବ। ଏଥିରେ ବିଶେଷଜ୍ଞ ଡାକ୍ତର ଯୋଗଦେବେ। ଆବଶ୍ୟକସ୍ଥଳେ ଜିଲା ବାହାରୁ ଏବଂ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଡାକ୍ତରଙ୍କ ସହଯୋଗ ଲୋଡ଼ାଯିବ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ହେମନ୍ତ କୁମାର ନାୟକଙ୍କୁ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଦାୟିତ୍ୱ ଦିଆଯାଇଛି। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଯେପରି ଠିକ୍ ସମୟରେ ବାଣିଶ୍ରୀ ବୃତ୍ତି, ଜାତୀୟ ବୃତ୍ତି (ପ୍ରି-ମାଟ୍ରିକ), ପୋଷ୍ଟ ମାଟ୍ରିକ ବୃତ୍ତି ପାରିପାରିବେ ସେ ଦିଗରେ ଯତ୍ନବାନ ଦେବାକୁ ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ାଙ୍କୁ କୁହାଯାଇଛି।

ଷ୍ଟେଟ ବ୍ୟାଙ୍କ ଶାଖା ମୁଖ୍ୟ ପ୍ରବନ୍ଧକ ଆଶୁତୋଷ ତ୍ରିପାଠୀ ଆଲୋଚନାରେ ଭାଗ ନେଇ ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ମୁଦ୍ରାଋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶରୀରର ୪୦%ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ହୋଇଥିବା ୧୮ରୁ ୫୯ବର୍ଷ ବୟସର ବ୍ୟକ୍ତି ଏହି ଋଣ ପାଇପାରିବେ। ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ଜଣେ ସର୍ବାଧିକ ୨୦ହଜାର ଟଙ୍କା ସହାୟତା ରାଶି ପାଇପାରିବେ ବୋଲି ସେ କହିଥିଲେ। ସେହିପରି ଦିବ୍ୟାଙ୍ଗମାନେ ବିବାହ ପ୍ରୋତ୍ସାହନ ରାଶି, ଅଧ୍ୟୟନ ବୃତ୍ତି, ଦୃଷ୍ଟିହୀନମାନେ ଲାପ୍‌ଟପ୍, ବସ୍ ଭଡ଼ା ରିହାତି ପାଇଁ ବିଡିଓ କମ୍ବା ନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ, ସହାୟତା ଉପକରଣ, କୃତ୍ରିମ ଅଙ୍ଗ, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ସମେତ ଅନ୍ୟ ଭତ୍ତା ପାଇଁ ଜନସେବା କେନ୍ଦ୍ରଗୁଡ଼ିକର ସହାୟତା ନେଇପାରିବେ। ସାମର୍ଥ୍ୟ ଗୃହରେ ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଚାଲୁ ରହିବ। ପ୍ରତିମାସ ୧ ଓ ୨ ତାରିଖରେ ଭିନ୍ନକ୍ଷମ ଚିହ୍ନଟ ଏବଂ ୧୦ ତାରିଖରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ସମସ୍ତ ଶିକ୍ଷାନୁଷ୍ଠାନକୁ ଶିବିର ଆୟୋଜନ ସମ୍ପର୍କରେ ସୂଚନା ଦେବାକୁ ସାମାଜିକ ସୁରକ୍ଷା ଅଧିକାରୀ ବିଷ୍ଣୁଚରଣ ବେହେରାଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ହିନ୍ଦୋଳ ଉପଜିଲାପାଳ ଭବେଶ କୁମାର ନାୟକ, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ସରକାରୀ ଓକିଲ ପତିତପାବନ ମହାପାତ୍ର, ଜୀବନଜ୍ୟୋତି ସ୍ୱତନ୍ତ୍ର ବିଦ୍ୟାଳୟର ନବକିଶୋର ଡାକୁଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

■ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# ନୂତନ ଜ୍ଞାନକୌଶଳ ପ୍ରସାରଣ ଗଣମାଧ୍ୟମରେ ପରିବର୍ତ୍ତନ ଆଣିଛି

ଢେଙ୍କାନାଳ ଅଫିସ, ୨୮।୮

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ମଙ୍ଗଳବାର ପ୍ରଫେସର କେ.ଏମ୍. ଶ୍ରୀବାସ୍ତବ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ଭାରତରେ ପ୍ରସାରଣ ଗଣମାଧ୍ୟମ: ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରସାର ଭାରତୀର ପୂର୍ବତନ ଉପମହାନିର୍ଦ୍ଦେଶକ ଅଭୟ ପାଢ଼ୀ ଯୋଗଦେଇ କହିଲେ, ଦେଶରେ ପ୍ରସାରଣ ଗଣମାଧ୍ୟମ ବା ଇଲେକ୍ଟ୍ରୋନିକ୍ ମିଡ଼ିଆ କ୍ଷେତ୍ରରେ ଅଭିବୃଦ୍ଧି ଜାରିରହିଛି। ନୂତନ ଜ୍ଞାନ କୌଶଳର ପ୍ରୟୋଗ ଯୋଗୁ ଏଥିରେ ଅନେକ ପରିବର୍ତ୍ତନ ଆସିଛି। ଦେଶରେ ୧୩ଶହରୁ ଊର୍ଦ୍ଧ୍ୱ ଟିଭି ଚ୍ୟାନେଲ ରହିଛି। ଏ ଦିଗରେ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ସାମ୍ବାଦିକତା ବିଭାଗର ଛାତ୍ରୀଛାତ୍ରମାନେ ଏଥିପ୍ରତି ଧ୍ୟାନ ଦେବା ଜରୁରୀ।

ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କେ.ଏମ୍. ଶ୍ରୀବାସ୍ତବଙ୍କ ସ୍ମୃତିଚାରଣ କରି କହିଲେ, ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଉଦ୍ଭିଦ ବିଜ୍ଞାନ ବିଷୟରୁ ଅଧ୍ୟାପନା ବୃତ୍ତି ଆରମ୍ଭ କରିଥିବା ପ୍ରଫେସର ଶ୍ରୀବାସ୍ତବ ପରେ ସକ୍ରିୟ ସାମ୍ବାଦିକତା ପ୍ରତି ମନ ବଳାଇଥିଲେ। ଦେଶ ବିଦେଶରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ସାମ୍ବାଦିକତା ପାଠ ପଢ଼ାଇବାକୁ ମଧ୍ୟ ଯାଇଥିଲେ। ତାଙ୍କ ଦ୍ୱାରା ରେଡିଓ, ଟିଭି ସାମ୍ବାଦିକତା, ରିପୋର୍ଟିଂ, ସମ୍ପାଦନା, ଆର୍‌ଆଟିଆଇ ଆଦି ବିଷୟରେ ଅନେକ ପୁସ୍ତକ ଲେଖାଯାଇଛି। ୨୦୧୫ରେ ତାଙ୍କର ହଠାତ୍ ବିୟୋଗ ହୋଇଯାଇଥିଲା। ସେ ଢେଙ୍କାନାଳ ଆଇଆଇଏମ୍‌ସିର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଶ୍ରୀବାସ୍ତବଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ କର୍ମଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଏସ୍‌ଏଚ୍‌ଜିକୁ ମିଳିବ କର୍ପସ ଫଣ୍ଡ

ଅନୁଗୋଳ ଅଫିସ, ୨୮।୮

ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲୁଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମଙ୍ଗଳବାର ଜିଲାପାଳ ଅନିଲ କୁମାର ସାମଲ ସମୀକ୍ଷା କରିଛନ୍ତି। ଅପହଞ୍ଚ ପାଲଲହଡ଼ା ଅଞ୍ଚଳର ୧୫୯ ପିଲାଙ୍କ ମଧ୍ୟରୁ ଅପପୁଷ୍ଟିର ଶିକାର ହୋଇଥିବା ୧୨୩ ଜଣଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ସିଡିପିଓ ସମ୍ପୃକ୍ତ ଅଞ୍ଚଳର କେନ୍ଦ୍ରଗୁଡ଼ିକୁ ନିୟମିତ ପରିଦର୍ଶନ କରିବେ। ଉପଜିଲାପାଳମାନେ ମଧ୍ୟ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଜିଲାରେ କାର୍ଯ୍ୟରତ ୬୭୮୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଭିଡିଓ କନଫରେନ୍ସ ଜରିଆରେ ୧୫ ହଜାର ଟଙ୍କା ଲେଖାଏ କର୍ପସ ଫଣ୍ଡ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ। ଏଥିପାଇଁ ସମସ୍ତ ଏସ୍‌ଏଚ୍‌ଜିକୁ ୩ ଦିନ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି କର୍ପସ ଫଣ୍ଡ ଦ୍ୱାରା ଏସ୍‌ଏଚ୍‌ଜିର ଭବିଷ୍ୟତ ଆୟ ଉପାର୍ଜନ ପନ୍ଥା ବାହାରିପାରିବ। ବୈଠକରେ ରନ୍ଧା ଖାଦ୍ୟ ଓ ଏସ୍‌ଏଚ୍‌ଜି ଦ୍ୱାରା ଛତୁଆ ବଣ୍ଟନର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କୌଣସି ପରିସ୍ଥିତିରେ ଭଙ୍ଗା ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିପାରିବ ନାହିଁ। ବିଡିଓମାନେ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ନିୟମିତ ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପାଲଲହଡ଼ା ଉପଜିଲାପାଳ ଅଜିତ ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

## ଜୈବିକ ପଦ୍ଧତିରେ ଚାଷ ତାଲିମ

ଛେଣ୍ଡିପଦା,୨୮।୮(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ ଗ୍ରାମରେ ଓଡିଶା ଜୀବିକା ମିଶନ ପକ୍ଷରୁ ଜୈବିକ ପଦ୍ଧତିରେ ଚାଷ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବାହ୍ୟ ଜୀବିକା ସହଯୋଗୀ ଜ୍ୟୋସ୍ନା ସାହୁ ଯୋଗଦେଇ ଟେଣ୍ଟୁଲୋଇ ଏବଂ କୁକୁରପେଟା ପଞ୍ଚାୟତରେ କାର୍ଯ୍ୟରତ କୃଷିମିତ୍ର, ମହିଳା ଚାଷୀଙ୍କୁ ତାଲିମ ଦେଇଥିଲେ। ରାସାୟନିକ ସାର ଏବଂ କୀଟନାଶକ ବ୍ୟବହାର ବନ୍ଦ କରି ଜୈବିକ ଉପାୟରେ ଚାଷ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ଜୈବିକ ଖତ ପ୍ରସ୍ତୁତି କରିବା, ଚାଷ କ୍ଷେତ୍ରରେ ଏହାର ପ୍ରୟୋଗ, ନୂତନ ଜ୍ଞାନ କୌଶଳ ଉପରେ ସୂଚନା ଦିଆଯାଇଥିଲା। କୃଷି ମିତ୍ର ଅଶ୍ୱିନୀ ସାହୁ, ଅନୀତା ସାହୁ, ଆରତୀ ଗଡନାୟକ, ଅବିଦ ମଞ୍ଜୁରୀ ସାହୁ, କଳ୍ପନା ପ୍ରଧାନ, ସତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଦ୍ଧକାଳୀନ ଭିତ୍ତିରେ ଆବେଦନର ଯାଞ୍ଚ କର

ଅନୁଗୋଳ ଅଫିସ, ୨୮।୮



ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଯାଉଥିବା ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅନୁଗୋଳ ଜିଲାରେ କିପରି ସଫଳ କାର୍ଯ୍ୟକାରୀ ହେବ ସେ ନେଇ ମଙ୍ଗଳବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏଥିପାଇଁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ୭୬,୧୫୭ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ। ଏଥିପାଇଁ ଆବଶ୍ୟକ ଫର୍ମ ଜିଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ଉପଲବ୍ଧ। ଇତିମଧ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ ଫର୍ମ ବଣ୍ଟନ କରାଯାଇଛି। ପୂରଣ ପରେ ଦାଖଲ କରାଯାଇଥିବା ୧୩,୦୮୦ ଫର୍ମ ମଧ୍ୟରୁ ୧୦,୦୬୮ଟି ବ୍ଲକ ଓ ପୌରାଞ୍ଚଳରେ ଗଠିତ ଯାଞ୍ଚ କମିଟିକୁ ତଦନ୍ତ ପାଇଁ ଦିଆଯାଇଛି। ସେପ୍ଟେମ୍ବର ୩ ମଧ୍ୟରେ ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

ଅନୁଗୋଳ, ଆଠମଲ୍ଲିକ, ତାଳଚେର ବ୍ଲକ, ଆଠମଲ୍ଲିକ ଏନ୍‌ଏସି, ଅନୁଗୋଳ ପୌରାଞ୍ଚଳରେ ଯାଞ୍ଚ କାର୍ଯ୍ୟ ନୈରାଶ୍ୟଜନକ ଥିବାରୁ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଯୋଜନା କାର୍ଯ୍ୟକାରୀ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପିଡି ଡିଆର୍‌ଡିଏ ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ବାସୁଦେବ ଶତପଥୀ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥଙ୍କ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

■ବକେୟା ପାଉଣା ଦାବି କଲେ ଠିକାଦାର

# ଭୂଷଣ ମୁଖ୍ୟ ଫାଟକ ଆଗରେ ଧାରଣା



ଧାରଣାରତ ଠିକାଦାର ମାନେ।

ଓଡ଼ାପଡ଼ା, ୨୮।୮(ଡି.ଏନ.ଏ.)

ବକେୟା ପାଉଣା ଦାବି କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଭୂଷଣ ଷ୍ଟିଲ କାରଖାନାର କାର୍ଯ୍ୟରତ ଠିକାଦାର। ମଙ୍ଗଳବାର ସେମାନେ କାରଖାନାର ମୁଖ୍ୟଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇ ଏହାର ପ୍ରତିବାଦ କରିଛନ୍ତି। କମ୍ପାନୀକୁ ଟାଟାଷ୍ଟିଲ ଅଧିଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଠିକାଦାର କରିଥିବା କାର୍ଯ୍ୟର ପ୍ରାପ୍ୟ ଏଯାଏ ପ୍ରଦାନ କରାଯାଇନାହିଁ। ରିଟେନସନ୍ ବାବଦକୁ ୧୦%, ରିକନ୍‌ଷ୍ଟ୍ରକ୍ସସ ପାଇଁ ୧୦%, ଇଏସ୍‌ଆଇ ୧୫%, ଡବ୍ଲ୍ୟୁସିଟି ଭାଟ୍ ୫% ତୁରନ୍ତ ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି।

ଟାଟା କମ୍ପାନୀ ଅଧିଗ୍ରହଣ ସମୟରେ ଏନ୍‌ସିଏଲ୍‌ଟି (ନ୍ୟାଶନାଲ କମ୍ପାନୀ ଲ ଟ୍ରିବୁନାଲ) ବର୍ଷେ ମଧ୍ୟରେ ବକେୟା ପାଉଣା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଏ ଯାଏ ବକେୟା ପ୍ରାପ୍ୟ ପ୍ରଦାନ ନେଇ କୌଣସି ଆଲୋଚନା କରିନାହାନ୍ତି। ଏହାକୁ ନେଇ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରାହ୍ନରେ କମ୍ପାନୀ କର୍ପୋରେଟ୍ କମ୍ୟୁନିକେଶନ ବିଭାଗ ମୁଖ୍ୟ ମଣିକାନ୍ତ ନାୟକ ଧାରଣାରତ ଠିକାଦାରଙ୍କ ସହିତ ଆଲୋଚନା କରିଛନ୍ତି। ଅକ୍ଟୋବରରୁ ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## କୂଅରେ ଖସିପଡ଼ିଥିବା ହାତୀ ଉଦ୍ଧାର

ଛେଣ୍ଡିପଦା,୨୮।୮(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ବାହାଳସାହି ଗ୍ରାମରେ ସୋମବାର ରାତିରେ ଏକ ୬ ବର୍ଷର ହାତୀ ଖୋଲା କୂଅ ମଧ୍ୟକୁ ଖସିପଡିଥିଲା। ଏ ନେଇ ବାହାଳ ସାହି ପଞ୍ଚାୟତ ମୁଣ୍ଡାମାଳ ସାହିର ପ୍ରହ୍ଲାଦ ସାହୁ ଛେଣ୍ଡିପଦା ବନ ବିଭଗକୁ ଖବର ଦେଇଥିଲେ। ରେଞ୍ଜ ଅଫିସର ଦୁର୍ଗା ଚରଣ ସାହୁ, ବିଭାଗୀୟ କର୍ମଚାରୀମାନେ ପହଞ୍ଚି କୂଅ ମଧ୍ୟରୁ ହାତୀକୁ ଉଦ୍ଧାର କରି ନିକଟ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ବନାଞ୍ଚଳ ଅଧିକାରୀ କହିଛନ୍ତି, ଦୀର୍ଘଦିନ ପରେ ଜଙ୍ଗଲକୁ ୩ ହାତୀ ଆସିଥିଲେ। ଏ ନେଇ ଲୋକଙ୍କୁ ସତର୍କ କରାଯାଇଥିଲା। ବିଳମ୍ବିତ ରାତିରେ ବନ କର୍ମଚାରୀମାନେ ଘଉଡ଼ାଉ ଥିବାବେଳେ ହାତୀପଲ ଗ୍ରାମାଭିମୁଖୀ ହୋଇଥିଲେ। ଏହି ସମୟରେ ଗୋଟିଏ ହାତୀ ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅରେ ଖସି ପଡ଼ିଥିଲା।

# ଚାଳିଆରେ ଚାଟଶାଳୀ

ଢେଙ୍କାନାଳ ଅଫିସ, ୨୮।୮


ଆଇନସେବା ପ୍ରାଧିକରଣ ସଚିବ ସ୍କୁଲ ସମସ୍ୟା ବୁଝୁଛନ୍ତି।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତ ଅନ୍ତର୍ଗତ ବରସାହି ପ୍ରାଥମିକ ବିଦ୍ୟାଳୟ ଚାଳଛପର ଘରେ ଚାଲିଛି।

■ଆଇନ ସେବା ପ୍ରାଧିକରଣ ସଚିବଙ୍କ ଉଦ୍‌ବେଗ

■ପଦକ୍ଷେପ ନେବାକୁ ବିଡିଓ, ବିଇଓଙ୍କୁ ଜଣାଇଲେ

ପାଠ୍ୟୋପକରଣ କି କୌଣସି ସୁବିଧା ନାହିଁ। ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ବସୁଛନ୍ତି। ଅଗଷ୍ଟ ୨୪ରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ କୁମାର ପଟ୍ଟନାୟକ ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀ ଟଙ୍କଧର ବାରିକ ଗ୍ରାମ ପରିଦର୍ଶନରେ ଯାଇଥିବାବେଳେ ଏହି ସମସ୍ୟା ପଦାକୁ ଆସିଛି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସଚିବ ବିଡିଓ ଏବଂ ବିଇଓଙ୍କୁ ଜଣାଇଛନ୍ତି।

ସ୍କୁଲରେ ଅନୁସୂଚିତ ଜାତି ବର୍ଗର ୩୦ ଜଣ ପିଲା ପଢୁଛନ୍ତି। ସେମାନଙ୍କ ବୟସ ୫ରୁ ୭ବର୍ଷ ମଧ୍ୟରେ ହେବ। ସ୍କୁଲଟି ନଡ଼ା, କାଠରେ ତିଆରି ହୋଇଥିବାବେଳେ କାନ୍ଥ ନାହିଁ। ସେହିପରି କଳାପଟା, ଖଡ଼ି, ଖେଳ ଉପକରଣ, ଚୌକି, ଟେବୁଲ, ଶୌଚାଳୟ, ରୋଷେଇ ଘର ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ ବ୍ଲକ ପ୍ରଶାସନ ଏବଂ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। କିନ୍ତୁ ଜଙ୍ଗଲ ଜମିରେ ସ୍କୁଲ ଥିବାରୁ ଘର ତିଆରି ହୋଇପାରୁ ନ ଥିବା ଜଣାପଡ଼ିଛି।

ସମସ୍ୟା ନେଇ ସଚିବ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ତାରାପ୍ରସାଦ ରଥଙ୍କ ସହ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ସେ ଉଚ୍ଚଶିକ୍ଷା ସଚିବ, ରାଜ୍ୟ ଆଇନସେବା ପ୍ରାଧିକରଣ, ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇ ସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଜଣାଇଛନ୍ତି।

**ଧରିତ୍ରୀର ଢେଙ୍କାନାଳ - ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଡ୍ରାଇଭରଙ୍କଠାରୁ ଲୁଟ୍, ଜଣେ ଗିରଫ

ବଇଣ୍ଡା,୨୮।୮(ଡି.ଏନ.ଏ.)- କଟକ-ସମ୍ବଲପୁର ଜାତୀୟ ରାଜପଥର ହଣ୍ଡପା ଥାନା ସରଗିପାଲି ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରି ୭ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ଟ୍ରକ୍ ଚାଳକ ଯାଜପୁର ଅଞ୍ଚଳର ଅଭିମନ୍ୟୁ ସାହୁ ସୋମବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ. ୧୨୪/୧୮ରେ ଏକ ମାମଲା ରୁଜୁ କରି ମଙ୍ଗଳବାର ଲୁଟ୍‌ରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସରଗିପାଲି ଗ୍ରାମର ବଳରାମ ବାଘଙ୍କୁ ଗିରଫ କରିଛି। ଅନ୍ୟ ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ କହିଛି, ଉକ୍ତ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୨୧ଜି-୮୯୭୭) ପାରାଦୀପରୁ ରାୟପୁର ଅଭିମୁଖେ ଯାଉଥିବାବେଳେ ସରଗିପାଲି ନିକଟରେ ବଳରାମ ଓ ତାଙ୍କ ସହଯୋଗୀ ମିଶି ଡ୍ରାଇଭରଙ୍କୁ ଅଟକାଇ ମାଡ଼ମାରି ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ ଜବତ, ୪ ଗିରଫ

ତାଳଚେର, ୨୮।୮(ନି.ପ୍ର.)- ତାଳଚେର ପୋଲିସ ମଙ୍ଗଳବାର ଗୋଡିବନ୍ଧର ୨ଟି ଢାବା ଉପରେ ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏହି ବେଆଇନ ମଦ କାରବାର ଅଭିଯୋଗରେ ସୁଦୀପ୍ତ ନନ୍ଦ, ଦୁଷ୍ମନ୍ତ କୁମାର ଭୂତିଆଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଅବକାରୀ ବିଭାଗ ପକ୍ଷରୁ ତାଳଚେର ଥର୍ମାଲ ଛକ ଠାରେ ଚଢାଉ କରାଯାଇ ୧୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିସହ ଏକ ମୋଟର ସାଇକେଲ (ନଂ. ଓଡି୧୯ଜେ-୭୬୭୩) ଜବତ କରାଯାଇ ଗୋପୀନାଥ ନାଏକ ଓ ପ୍ରସନ୍ନ ନାଏକଙ୍କୁ ଗିରଫ କରାଯାଇଛି।

### ସାମାଜିକ କର୍ମୀଙ୍କ ବିୟୋଗରେ ବଜାର ବନ୍ଦ

ବନ୍ତଳା,୨୮।୮(ଡି.ଏନ.ଏ.)- ଅନୁଗୋଳ ବ୍ଲକ ବନ୍ତଳା ଛକର ସାମାଜିକ କର୍ମୀ ସନାତନ ସାହୁ(୫୮) ମଙ୍ଗଳବାର ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଦୀର୍ଘ ବର୍ଷ ଧରି ସେ ସମାଜସେବାରେ ସାମିଲ ସହ ବିଭିନ୍ନ ଅନୁଷ୍ଠାନ ଗଢ଼ିଥିଲେ। ଜିଲା ରକ୍ତଦାତା ସଂଘର ସେ ଆଜୀବନ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବନ୍ତଳା ଛକରେ ସମସ୍ତ ଦୋକାନ ବନ୍ଦ ରହିଥିଲା। ଏହି ଅବସରରେ କମିଟି ସଭାପତି ହୃଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଛକରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ଛେଣ୍ଡିପଦା,୨୮।୮(ସ୍ୱ.ପ୍ର.)
ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଗୋଳ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ବିଡିଓ ରୋମାଞ୍ଚଳ ଖମାରୀଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ବିବାହ ପ୍ରୋତ୍ସାହନ ରାଶି, ୟୁଡିଆଇଡି ପଞ୍ଜୀକରଣ, ଟ୍ରେନ୍ ଓ ବସ୍‌ରେ ରିହାତି, ଭିନ୍ନକ୍ଷମ ଭତ୍ତା ପାଇଁ ବହୁ ଦିବ୍ୟାଙ୍ଗ ଏହି ଶିବିରରେ ଆବେଦନ କରିଥିଲେ। ସେମାନଙ୍କ ଦନ୍ତ, ଚକ୍ଷୁ, ଗଳା, କର୍ଣ୍ଣ, ନାସା ପରୀକ୍ଷା କରାଯାଇଥିଲା। ଚିହ୍ନଟ ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଛେଣ୍ଡିପଦା ଏବିଡିଓ ଦିଲୀପ କୁମାର ପ୍ରଧାନ ଶିବିର ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ।

### ଦେଉଳଝରିରେ ସଫେଇ କାର୍ଯ୍ୟକ୍ରମ

ମାଧପୁର/ଆଠମଲ୍ଲିକ,୨୮।୮- ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଦେଉଳଝରି ଶୈବପୀଠରେ ପୁରୁଣାମାଣତ୍ରୀ ହାଇସ୍କୁଲର ନେତାଜୀ ସ୍କାଉଟ ଗ୍ରୁପ୍ ତରଫରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସରେ କାଉଡ଼ିଆମାନେ ଜଳଲାଗି କରୁଥିବା ଫଳରେ ମନ୍ଦିରର ଚାରିପାଖ ଅପରିଷ୍କାର ହୋଇଯାଇଥିଲା। ସ୍କୁଲର ସ୍କାଉଟ ମାଷ୍ଟର ଶ୍ରୀକାନ୍ତ କୁମାର ମାହାରଙ୍କ ତତ୍ତ୍ୱାବଧାନରେ ୩୨ ଜଣ ସ୍କାଉଟ ପିଲାଙ୍କୁ ନେଇ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହେନ୍ଦ୍ର ହାଇସ୍କୁଲର ଖେଳ ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ସ୍ଥାନୀୟ ସରପଞ୍ଚ ବୀରେନ୍ଦ୍ର ବଡ଼ମାଳି ଓ ଅନ୍ୟ ଶିକ୍ଷକମାନେ ଯୋଗ ଦେଇଥିଲେ।

■ସରକାର ଯୋଗାଇ ପାରିଲେନି ଡାଲି ବିହନ

# ନିଜ ଉଦ୍ୟମରେ ଚାଷୀ କଲେ ଚାଷ

**ବଅଁରପାଳ,୨୮।୮ (ଡି.ଏନ.ଏ.)**

ଅନୁଗୋଳ କୃଷି ଜିଲା ଅନ୍ତର୍ଗତ ବଅଁରପାଳ ବ୍ଲକର ୩୫ଟି ପଞ୍ଚାୟତରେ ଥିବା ଡାଲି ଚାଷୀଙ୍କୁ ଚଳିତବର୍ଷ ହତାଶ କରିଛନ୍ତି ରାଜ୍ୟ ସରକାର। ଗତ ଜୁନ୍‌ରୁ ଡାଲି ଚାଷ ଆରମ୍ଭ ହୋଇଥିଲେ ହେଁ ଏଯାଏ ସରକାରଙ୍କ ପକ୍ଷରୁ ମୁଠାଏ ବିହନ

■ଟାର୍ଗେଟ୍ ପୂରଣ ହେଲାନି ବହୁ ଜମି ପଡ଼ିଲା ପଡ଼ିଆ

■ସରକାରୀ ଅବହେଳା ନେଇ ଅସନ୍ତୋଷ

ଯୋଗାଣ କରାଯାଇ ନାହିଁ। ବାରମ୍ବାର କୃଷି ସମବାୟ ସମିତିକୁ ଧାଇଁ ନିରାଶ ହେବା ପରେ ଘରେ ଥିବା ପୁରୁଣା ବିହନ ଓ ଖୋଲା ବଜାରରୁ ଚଢ଼ା ଦରରେ ଏହାକୁ କିଣି ଚାଷୀ ଚାଷ କାର୍ଯ୍ୟ ଆଗେଇ ନେଇଛି। ସରକାରଙ୍କ ଏପରି ଅବହେଳା



ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ବିଭାଗ ପକ୍ଷରୁ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ।

ପ୍ରକାଶ ଯେ, ଚଳିତ ଖରିଫ ଋତୁରେ ବଅଁରପାଳ ବ୍ଲକ ଅଞ୍ଚଳର ୫ ହଜାର ୪୦୬ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯିବା ପାଇଁ ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଇଥିଲା। ସେଥିମଧ୍ୟରୁ ୧୯୫୧ ହେକ୍ଟରରେ ବିରି, ୧୪୭୦ ହେକ୍ଟରରେ ହରଡ଼, ୧୭୬୫ ହେକ୍ଟର ଜମିରେ ମୁଗ ଏବଂ ୨୦୦ ହେକ୍ଟରରେ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ କରାଯିବ ବୋଲି ସ୍ଥିର କରାଯାଇଥିଲା। ଗତ ଜୁନଠାରୁ ଅଗଷ୍ଟ ମଧ୍ୟରେ ଚାଷୀମାନେ ଏହି ଜାତୀୟ ବିହନ ବୁଣାବୁଣି କାର୍ଯ୍ୟ ଶେଷ କରିଥାନ୍ତି। ମାତ୍ର ଏପର୍ଯ୍ୟନ୍ତ ବ୍ଲକ ଅଞ୍ଚଳରେ ଥିବା ୧୩ଟି ପ୍ରାଥମିକ କୃଷି ସମବାୟ ସମିତିକୁ ଡାଲି ଜାତୀୟ ବିହନ ଆସି ନାହିଁ। ଫଳରେ ଚାଷୀମାନେ ବିହନ ପାଇବା ଆଶାରେ ବହୁବାର କୃଷି କାର୍ଯ୍ୟାଳୟଠାରୁ ଆରମ୍ଭ କରି ସମବାୟ ସମିତିକୁ ଦୌଡ଼ି ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ବିହନ ଅଭାବରୁ କେତଜଣ ଚାଷୀ ଜମି ପଡିଆ ରଖିଥିବା ବେଳେ ବହୁ ଚାଷୀ ଘରେ ସାଇତା ପୁରୁଣା ବିହନରେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅନ୍ୟଚାଷୀମାନେ ହାଟ ଓ ବଜାରରୁ ଚଢା ଦରରେ ବିହନ କିଣିଛନ୍ତି। ବିହନ ଯୋଗାଣରେ ସରକାରଙ୍କ ଏହି ବିଫଳତା ଯୋଗୁ ଧାର୍ଯ୍ୟ ଲକ୍ଷ୍ୟ ବଦଳରେ ୪ ହଜାର ୩୧ ହେକ୍ଟରରେ ଫସଲ ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି।

ଏ ସମ୍ପର୍କରେ ବଅଁରପାଳ ସହକାରୀ କୃଷି ଅଧିକାରୀ ସୁମନ୍ତ ନାୟକ କହିଛନ୍ତି, ବ୍ଲକରେ ଥିବା ୧୩ କୃଷି ସମବାୟ ସମିତିକୁ ବିହନ ଯୋଗାଣ ହୋଇପାରି ନାହିଁ। ଫଳରେ ଚାଷୀମାନେ ପୁରୁଣା ବିହନ ଓ ବାହାରୁ କିଣି ଚାଷ କାର୍ଯ୍ୟ କରିଛନ୍ତି। ଲକ୍ଷ୍ୟଧାର୍ଯ୍ୟ କିଭଳି ପୂରଣ ହେବ ସେଥିପାଇଁ ଚେଷ୍ଟା କରାଯାଉଛି।



## ବିଦ୍ୟୁତ୍ କର୍ମଚାରୀଙ୍କ ଗଣଧାରଣା

**ତାଳଚେର,୨୮।୮(ନି.ପ୍ର.)**

ଓଡ଼ିଶା ପାୱାର ଏମ୍ପ୍ଲୋଇଜ ୟୁନିୟନ ନେତୃତ୍ୱରେ ମଙ୍ଗଳବାର ବିଦ୍ୟୁତ୍ କର୍ମଚାରୀମାନେ ତାଳଚେର ଚାଇଁପାଳସ୍ଥିତ ନିର୍ବାହୀଯନ୍ତ୍ରୀ (ସେସୁ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିମାସ ୧୦ ତାରିଖରେ ଦରମା ସହ ଭିଡିଏ ପ୍ରଦାନ କରାଯିବା, ଇପିଏଫ ଟଙ୍କା ଠିକ୍ ଭାବେ ଜମା କରିବା, ସୁରକ୍ଷା ସାମଗ୍ରୀ ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ବାରମ୍ବାର ଦାବି ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଓ ଠିକାସଂସ୍ଥାକୁ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ତୁରନ୍ତ ଦାବିଗୁଡିକ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଥିଲେ।

## ଭୁଜାଲିରେ ଆକ୍ରମଣ କରି ଟଙ୍କା ଲୁଟ୍

**ତାଳଚେର, ୨୮।୮(ନି.ପ୍ର.)**

ହାଟତୋଟା ମଙ୍ଗଳା ମନ୍ଦିର ନିକଟରେ ଗ୍ରୋସରୀ ଦୋକାନ କରିଥିବା ଅମର ସାହୁଙ୍କୁ ସୋମବାର ରାତିରେ ୩ଜଣ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରି ୫୩ ଶହ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅମର ଦୋକାନ ବନ୍ଦ କରି ରାତି ୧୦ଟା ୩୦ରେ ସୂର୍ଯ୍ୟନଗରସ୍ଥିତ ବାସଭବନକୁ ଫେରୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ଟଙ୍କା ନେଇ ଫେରାର ହୋଇଯାଇ ଥିଲେ। ଏ ସଂକ୍ରାନ୍ତରେ ବ୍ୟବସାୟୀ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯୁବ ସାମାଜିକ କର୍ମୀଙ୍କୁ ପ୍ରଶିକ୍ଷଣ




**ଅନୁଗୋଳ ଅଫିସ, ୨୮।୮**

ଅନୁଗୋଳ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାସେବୀ କର୍ମଶାଳା ଜିଲା କଳାକେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲାରେ ବ୍ୟାପକ ରକ୍ତଦାନ କାର୍ଯ୍ୟକ୍ରମ କରିବା ସହିତ ସରକାରୀ ଯୋଜନା ସମସ୍ତଙ୍କ ନିକଟରେ ପହଞ୍ଚାଇବା, ବୃକ୍ଷରୋପଣ, ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା ସମୟରେ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସହଯୋଗ କରିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅନୁଗୋଳକୁ ପ୍ରଦୂଷଣ ମୁକ୍ତ କରିବା ଦିଗରେ କାର୍ଯ୍ୟକ୍ରମ ହାତକୁ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବଅଁରପାଳ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ଯୁବ ବିଜେଡି ଜିଲା ସମ୍ପାଦକ ସୁଧୀର କୁମାର ନାଏକ, ଜିତେନ୍ଦ୍ର ସାହୁ, ସାମାଜିକକର୍ମୀ ମାନସ ରଞ୍ଜନ ଦେହୁରୀ, ସୁଜିତ କୁମାର ସାହୁ, ମନୋଜ କୁମାର ସାହୁ, ଆଦିତ୍ୟ ଦେହୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡିର ମିଡିଆ କୋଅର୍ଡିନେଟର ଅମତ କୁମାର ଦାସ, ଯୁବ ବିଜେଡି ସାଧାରଣ ସମ୍ପାଦକ ସପେନ୍ଦ୍ର ସାହୁ, ଚନ୍ଦନ କୁମାର ସାହୁ, ଲିପୁନ କୁମାର ପରିଡ଼ା, ରମାକାନ୍ତ ସାହୁ, ଆଶୁତୋଷ ଅମାନ୍ତ, ପଙ୍କଜ ମହାପାତ୍ର, କେଦାର ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ, ସମ୍ବିତ କୁମାର ସାମନ୍ତ, ରାକେଶ ନନ୍ଦଙ୍କ ସହ ଶତାଧିକ ଯୁବକ ଯୋଗ ଦେଇଥିଲେ।

## ମହାବିଦ୍ୟାଳୟରେ ମେହେର ଜୟନ୍ତୀ

**ଆଠମଲ୍ଲିକ,୨୮।୮(ଡି.ଏନ.ଏ.)**

ଆଠମଲ୍ଲିକ ମହାବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ରାଜା ସାହେବ ପ୍ରଦୀପଚନ୍ଦ୍ର ଦେଓ ଯୋଗଦେଇ କବିଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜେନାମଣି ସାହୁ ଯୋଗଦେଇ କବିଙ୍କ ରଚିତ ବିଭିନ୍ନ କାବ୍ୟ ଓ ପଦ୍ୟାବଳୀ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିବାବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜୀବର୍ଦ୍ଧନ ବାରିକ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ରଞ୍ଜିତ କୁମାର ସେଠୀ, ଦୀପକ କୁମାର ମଲ୍ଲିକ, ଛାତ୍ର ସନ୍ତୋଷ ବେହେରା, ଛାତ୍ରୀ ଶାସ୍ୱତୀ ମିଶ୍ର ପ୍ରମୁଖ କବିଙ୍କ ସାହିତ୍ୟ କୃତି ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବ୍ରଜଗୋପାଳ ମିଶ୍ର ସଂଯୋଜନା କରିଥିବା ବେଳେ ଅମ୍ବରିଶ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ନାରୀ ସୁରକ୍ଷିତ ହେଲେ ଦେଶର ସମ୍ମାନ ବଢ଼ିବ




**ବଇଣ୍ଡା,୨୮।୮(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ସୋମବାର ଓଡ଼ିଆ ବିଭାଗ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିପିନୀ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଭାବେ ଅଧ୍ୟାପିକା ଡ. ସବିତା ପଟ୍ଟନାୟକ, ଅଧ୍ୟାପକ ଶ୍ରୀନିବାସ ଦେହୁରୀ, କାଳନ୍ଦୀଚରଣ ପ୍ରଧାନ, ନିରଞ୍ଜନ ଦାସ ଯୋଗ ଦେଇଥିଲେ। ଗଙ୍ଗାଧର ମେହେର ସବୁବେଳେ ନାରୀଙ୍କୁ ସମ୍ମାନ ଦେଉଥିଲେ। ନାରୀମାନେ ସୁରକ୍ଷିତ ରହିବା ସହ ସେମାନଙ୍କ ସମ୍ମାନ ବଢିଲେ ଦେଶର ସମ୍ମାନ ବଢିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏଥିରେ କଲେଜର ଛାତ୍ରୀମାନେ ଅଶଂଗ୍ରହଣ କରିଥିଲେ।

# ଛେଣ୍ଡିପଦା ଅଞ୍ଚଳରେ ହାତୀ: ଲୋକଙ୍କୁ ସତର୍କ କଲା ବନ ବିଭାଗ

**ଛେଣ୍ଡିପଦା,୨୮।୮(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ୍‌ରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ହାତୀ ସ୍ଥାନୀୟ ଜଙ୍ଗଲାଞ୍ଚଳ ଛାଡି ଯାଉ ନ ଥିବାରୁ ବନବିଭାଗ ତଥା ଗ୍ରାମବାସୀଙ୍କ ନିଦ ହଜିଯାଇଛି। ବ୍ଲକର ନୂଆଗାଁ, କଣଲୋଇ, କର୍ଣ୍ଣପାଳ, କଙ୍କୁରପାଳ, ବ୍ରାହ୍ମଣବିଲ, ସନ୍ତରାବନ୍ଧ, ଟେଣ୍ଟୁଲୋଇ, ଉଗୀ, ପରା ଆଦି ଅଞ୍ଚଳରେ ହାତୀପଲ ଥିବାବେଳେ ମଙ୍ଗଳବାର କଙ୍କୁରପାଳ, ଛେଣ୍ଡିପଦା ଜଙ୍ଗଲରେ ୩ଟି, କଣଲୋଇ, ନୂଆଗାଁ ଅଞ୍ଚଳରେ ୮ଟି ହାତୀ ରହିଥିବା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ସୂଚନା ଦେଇଛନ୍ତି। ତେଣୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ନ କରିବା, ଉକ୍ତ ରାସ୍ତାରେ ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରିବାକୁ ବନବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ବିଶେଷ କରି କୋଶଳା-ଛେଣ୍ଡିପଦା, କୋଶଳା-କମ୍ପସଲା, କୋଶଳା-କୁମଣ୍ଡା, ଛେଣ୍ଡିପଦା-ଟେଣ୍ଟୁଲୋଇ ରାସ୍ତା, ଦୁର୍ଗାପୁର ବନାଞ୍ଚଳର ଜରପଡାରୁ ଅନ୍ତୁଳିଆ ଯାଇଥିବା ରାସ୍ତାରେ ଅଧିକାଂଶ ଦିନ ହାତୀ ଅତିକ୍ରମ କରିଥାନ୍ତି। ତେଣୁ ସତର୍କ ରହିବା ସହ ଅସୁବିଧାର ସମ୍ମୁଖୀନ ହେଲେ ତୁରନ୍ତ ନିକଟସ୍ଥ ବନାଞ୍ଚଳ ଅଧିକାରୀ କିମ୍ବା ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଜଣାଇବାକୁ ମଧ୍ୟ ବନବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ୨୭୦ ନୂତନ ହିତାଧିକାରୀଙ୍କୁ ଭତ୍ତା

**ତାଳଚେର,୨୮।୮(ନି.ପ୍ର.)**

ତାଳଚେର ପ୍ରଜାମଣ୍ଡଳ ଭବନଠାରେ ମଙ୍ଗଳବାର ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ସାମିଲ ହୋଇଥିବା ୨୭୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ବ୍ରଜକିଶୋର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିତ୍ୟାନନ୍ଦ ସାହୁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

■ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ଉପଦେଷ୍ଟା କମିଟି ବୈଠକ

# ୩ ହଜାର ଯୁବତୀଯୁବକ କଲେଣି ରୋଜଗାର

**ଅନୁଗୋଳ ଅଫିସ, ୨୮।୮**

ଅନୁଗୋଳ ଜିଲାରେ ବେକାର ଯୁବତୀ ଯୁବକମାନଙ୍କ ନିମନ୍ତେ ଆତ୍ମନିଯୁକ୍ତି ସୃଷ୍ଟି କରିବାର ମାଧ୍ୟମ ସାଜିଥିବା ୟୁକୋ ଗ୍ରମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ମଙ୍ଗଳବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ୨୦୧୭- ୧୮ ଆର୍ଥିକ ବର୍ଷରେ ଏହି ଅନୁଷ୍ଠାନ ଦ୍ୱାରା ବେକାର ଯୁବତୀ ଯୁବକମାନଙ୍କୁ ଦିଆଯାଇଥିବା ବିଭିନ୍ନ ତାଲିମ ଓ ଏହାଦ୍ୱାରା ମିଳିଥିବା ସଫଳତାକୁ ଭିତ୍ତିକରି ପ୍ରସ୍ତୁତ ହୋଇଥିବା ପୁସ୍ତକକୁ ଜିଲାପାଳ ଉନ୍ମୋଚନ କରିଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରମୋଦ କୁମାର ପାତ୍ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ବର୍ତ୍ତମାନ ସୁଦ୍ଧା ୪୩୭୮ ଯୁବତୀ ଯୁବକଙ୍କୁ ତାଲିମ ଦିଆଯାଇଛି ଓ ସେମାନଙ୍କ ମଧ୍ୟରୁ ୩ ହଜାର ଜଣ ରୋଜଗାରକ୍ଷମ ହୋଇଛନ୍ତି। କେବଳ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ୩୦୭ ଜଣଙ୍କୁ ତାଲିମ ମାଧ୍ୟମରେ ରୋଜଗାରକ୍ଷମ କରାଯାଇପାରିଛି। ବିଭିନ୍ନ ବିଭାଗ ସହାୟତାରେ ସଚେତନତା ଶିବିରମାନ ଆୟୋଜନ କରାଯାଇ ଡ୍ରେସ ଡିଜାଇନିଂ, ବିଉଟିପାର୍ଲର, ଛେଳି, କୁକୁଡ଼ା ଓ ଗୋପାଳନ ସହ ଛତୁ, ଫଳ, ମାଛ ଚାଷ, ୨ ଚକିଆ ଯାନ ମରାମତି, କମ୍ପ୍ୟୁଟର ଶିକ୍ଷା ଆଦି ସମ୍ପର୍କରେ ମାଗଣାରେ ତାଲିମ ପ୍ରଦାନ କରାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବ୍ୟାଙ୍କରୁ ଋଣ କିପରି ଉପଲବ୍ଧ ହେବ ସେଥିପାଇଁ ସହାୟତା ଓ ପରାମର୍ଶ ପ୍ରଦାନ କରାଯାଉଥିବା ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ଏହି ବୈଠକରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, ରାକେଶ କୁମାର କୁଣ୍ଡୁ, ଜିଲା ନିୟୋଜନ ଅଧିକାରୀ ଏସ୍‌କେ ନାୟକ, ଏପିଡି ଜଳ ବିଭାଜିକା କେ. ମାଝି ଓ ଜିଲା ଶିଳ୍ପ କେନ୍ଦ୍ରର ପି.କେ. ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ପୌର କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ

**ତାଳଚେର,୨୮।୮(ନି.ପ୍ର.)**

ବାର୍ଷିକ ବଜେଟ କରା ନ ଯିବା ଓ ବ୍ୟାପକ ଅନିୟମିତତା ପ୍ରତିବାଦରେ ମଙ୍ଗଳବାର ଭାଜପା କାଉନସିଲରମାନେ ତାଳଚେର ପୌର କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ଦିନସାରା କାର୍ଯ୍ୟାଳୟ ଅଚଳ ହୋଇ ରହିଥିଲା।

ପ୍ରକାଶ ଯେ, ପୌରପରିଷଦର ବିନା ବୈଠକରେ ନଗରପାଳ ଓ ନିର୍ବାହୀ ଅଧିକାରୀ ବେଆଇନ ଭାବେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା, ୨୦୧୮-୧୯ର ବାର୍ଷିକ ବଜେଟ୍ ବୈଠକରେ ଉପସ୍ଥାପନ ନ କରିବା, ମାସିକ ସାଧାରଣ ବୈଠକ ନିୟମିତ ଭାବେ ନ ହୋଇ ପ୍ରତି ୫/୬ ମାସରେ ହେଉଥିବା ସମ୍ପର୍କରେ ଭାଜପା କାଉନସିଲରମାନେ ଜିଲାପାଳ ଓ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏ ଦିଗରେ ପ୍ରଶାସନ କିମ୍ବା ପୌର ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ପୂର୍ବାହ୍ନ ୯ଟା ବେଳେ ଭାଜପା କାଉନସିଲର ପ୍ରକାଶ ମହାରଣା, ଜୟନ୍ତ ଭୂତିଆ, ବାଲ୍ମୀକି



ପୌର କାର୍ଯ୍ୟାଳୟ ସମ୍ମୁଖରେ କାଉନସିଲରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରସାଦ କେଶରୀ, ଜିତେନ୍ଦ୍ର କୁମାର ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ, କବିତା ବେହେରାଙ୍କ ସହିତ କଂଗ୍ରେସ କାଉନସିଲର ପ୍ରମିଳା ଖଣ୍ଡୁଆଳ ଓ ଅନ୍ୟମାନେ ପୌରକାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ତାଳଚେରରେ ବଢ଼ି ଚାଲିଥିବା ଡେଙ୍ଗୁ ଓ ଜଣ୍ଡିସ୍ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନ ନେବା, ଗଣେଶ ପୂଜା ଆଉ ଅଳ୍ପ ଦିନ ଥିଲେ ହେଁ ରାସ୍ତା, ନାଳ ନର୍ଦ୍ଦମା ମରାମତି ପାଇଁ କୌଣସି ଆଗ୍ରହ ପ୍ରକାଶ ନ କରିବା, ସ୍ୱାୟତ୍ତ ଶାସନ ଦିବସ ପାଇଁ ପ୍ରସ୍ତୁତି ବୈଠକ ନ ହେବା, ଜଳର ନମୁନା ଠିକ୍ ଭାବେ ପରୀକ୍ଷା ନ କରାଇ ଜଣ୍ଡିସ ହୋଇ ନ ଥିବା ପୌର ଅଧିକାରୀ ପ୍ରକାଶ କରିବା ଆଦି କାଉନସିଲରମାନେ ଅଭିଯୋଗ କରିଥିଲେ। ପରେ ନିର୍ବାହୀ ଅଧିକାରୀଙ୍କ ଅନୁରୋଧ କ୍ରମେ ଏ ନେଇ ଏକ ବୈଠକ ବସିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ଫଳରେ କାଉନସିଲରମାନେ ଦିନସାରା ଧାରଣାରେ ବସିବାକୁ ଜିଦ୍ ଧରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ପରିଷଦର କୌଣସି ବୈଠକ ବା ବଜେଟ୍ ବୈଠକ ଡକା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି କାଉନସିଲରମାନେ ଚେତାବନୀ ଦେଇଥିଲେ। ଅପରାହ୍ନ ୩ଟା୧୫ରେ ସଦର ଥାନା ପୋଲିସ କାଉନସିଲରମାନଙ୍କୁ ଗିରଫ କରି ଥାନାକୁ ନେଇଯାଇଥିଲା।

